## ସଂକ୍ଷେପରେ

### ରାସ୍ତାକଡ଼ରୁ ମୃତଦେହ ଜବତ

ଆସିକା,୮।୧୨(ଡି.ଏନ୍.ଏ.): ଆସିକା କଳିଙ୍ଗା ରୋଡର ଟେଲିଫୋନ ଭବନ ସମ୍ମୁଖ ରାଞ୍ଚି-ବିଜୟୱାଡା କରିଡର ରାସ୍ତାକଡ଼ରୁ ମଙ୍ଗଳବାର ପୋଲିସ ଏକ ମୃତଦେହ ଜବତ କରିଛି। ମୃତକଙ୍କ କୌଣସି ପରିଚୟ ମିଳିପାରିନାହିଁ। ବୟସ ପ୍ରାୟ ୬୦ ବର୍ଷ ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ଆସିକା ଥାନାରେ ନଂ.୨୬/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହକୁ ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ବ୍ରହ୍ମପୁର ବଡ ମେଡିକାଲ ଶବ ସଂରକ୍ଷଣ ଗୃହକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ସରପଞ୍ଚ ପଦବୀ ପାଇଁ ୨୨ରେ ଉପନିର୍ବାଚନ

#### ବି.କରଡ଼ାବାଡ଼ି ପଞ୍ଚାୟତ

ବୁଗୁଡ଼ା,୮।୧୨(ଡି.ଏନ୍.ଏ.): ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମପଞ୍ଚାୟତ ସରପଞ୍ଚ ପଦବୀର ଉପନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଆସନ୍ତା ୨୨ ତାରିଖରେ ଉପନିର୍ବାଚନ କରାଯିବାକୁ ଧାର୍ଯ୍ୟ କରାଯାଇଥିବା ପ୍ରଶାସନ ପକ୍ଷରୁ ସୋମବାର ପଞ୍ଚାୟତରେ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଇଛି। ଉପନିର୍ବାଚନ ସକାଶେ ମାର୍ଚ୍ଚ ୨୦ ତାରିଖ ଧାର୍ଯ୍ୟ ହୋଇଥିଲା। ଏହି ପଦବୀ ପାଇଁ ଉକ୍ତ ପଞ୍ଚାୟତର କାହ୍ନୁଚରଣ ଦାଶ, ନିତ୍ୟାନନ୍ଦ ପ୍ରଧାନ, ପ୍ରଫୁଲ୍ଲ କୁମାର ମହାପାତ୍ର, ରାଜେନ୍ଦ୍ର କିଶୋର ନାୟକ ଓ ଡି. ସତ୍ୟ ନାରାୟଣ ଆଚାରୀ ପ୍ରମୁଖ ୫ ଜଣ ପ୍ରାର୍ଥୀଙ୍କ ମଧରେ ପ୍ରତିଦ୍ୱନ୍ଦ୍ୱିତା ହେବା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। କିନ୍ତୁ କରୋନା ଯୋଗୁ ନିର୍ବାଚନକୁ ବାତିଲ କରାଯାଇଥିଲା। ବର୍ତ୍ତମାନ ନିର୍ବାଚନ ଯୋଗୁ ଉକ୍ତ ପଞ୍ଚାୟତରେ ନିର୍ବାଚନଜନିତ ସମସ୍ତ ଆଚରଣ ବିଧି ଲାଗୁ କରାଯାଇଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ତନ୍ମୟ ପାତ୍ର ପ୍ରକାଶ କରିଛନ୍ତି।

### ପୂର୍ବତନ କାଉନସିଲରଙ୍କୁ ଉପେକ୍ଷା ଅଭିଯୋଗ

ଆସିକା,୮।୧୨(ଡି.ଏନ୍.ଏ.): ଆସିକା ଏନ୍ଏସିର ୱାର୍ଡ କମିଟି ଗଠନ ବେଳେ କେତେକ ୱାର୍ଡର ପୂର୍ବତନ କାଉନସିଲରଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଏନ୍ଏସିର ପୂର୍ବତନ ଅଧକ୍ଷା ମଧୁସ୍ମିତା ପୋଲାଇଙ୍କ ସମେତ କେତେଜଣ ପୂର୍ବତନ କାଉନସିଲର ସୋମବାର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ କହଁରଙ୍କୁ ଭେଟି ଏ ସମ୍ପର୍କିତ ଅଭିଯୋଗପତ୍ର ଦେଇଛନ୍ତି। ବିଭିନ୍ନ ୱାର୍ଡର ବାସ୍ତବ ସମସ୍ୟା ଅନୁଧାନ ନିମନ୍ତେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି କମିଟି ଗଠନ କରାଯାଇଥିଲା। ଏଥିରେ ପୂର୍ବତନ କାଉନସିଲରମାନଙ୍କୁ ସଦସ୍ୟ ରଖିବାକୁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏନଏସିର ୧୮ ୱାର୍ଡ ମଧ୍ୟରୁ ୮ଟି ୱାର୍ଡର ପୂର୍ବତନ କାଉନସିଲର ଉପେକ୍ଷିତ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଘରୋଇ ପାଇଖାନା ନିର୍ମାଣ ପ୍ରାପ୍ୟ ହିତାଧିକାରୀଙ୍କୁ ପ୍ରଦାନ, ରାଶନ କାର୍ଡ ଯୋଗାଣ, ରାସ୍ତା ମରାମତି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଛି। ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତି, ସୂର୍ଯ୍ୟନାରାୟଣ ଦାସ, ପୂର୍ବତନ ଏନଏସି ଉପାଧକ୍ଷା ରେଣୁବାଳା ରେଡ୍ଡୀ, ପୂର୍ବତନ କାଉନସଲର ରବୀନ୍ଦ୍ରନାଥ ପୋଲାଇ ପ୍ରମୁଖ ଅଭିଯୋଗ ପାଇଁ ଆସିଥିଲେ।

### ଜିଲାପାଳଙ୍କ ନୂତନ ଜେଏମ୍ଏଫ୍ସି କୋଠା ପରିଦର୍ଶନ

ପାରଳାଖେମୁଣ୍ଡି,୮।୧୨(ଡି.ଏନ୍.ଏ.): ମୋହନା ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ନୂତନ କୋଠାକୁ ମଙ୍ଗଳବାର ଜିଲାପାଳ ଅନୁପମ ସାହା ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନରେ ତାଙ୍କ ସହିତ ଦୌରାଜଜ୍ ବିଶ୍ୱଜିତ ଦାଶ, ଆରକ୍ଷୀ ଅଧିକ୍ଷକ ତପନ କୁମାର ପଟ୍ଟନାୟକ, ଉପଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ସ୍ଥାନୀୟ ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ, ଆର୍.ଉଦୟଗିରି ତହସିଲଦାର ପ୍ରମୁଖ ସାମିଲ ଥିଲେ। ଉଦ୍‌ଘାଟନ ଉତ୍ସବର ପୂର୍ବ ପ୍ରସ୍ତୁତି, ଅଦାଲତ ପରିଷ୍କାର ରଖିବା ଉପରେ ଆଲୋଚନା କରିଥିଲେ। ଓକିଲ ସଂଘ ସଭାପତି ସୀମାଞ୍ଚଳ କାର୍ଯ୍ୟୀ, ପୂର୍ବତନ ସଭାପତି ରବୀନ୍ଦ୍ର କୁମାର ନାୟକ, ବରିଷ୍ଠ ଓକିଲ ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତଥିଲେ।

# ଆୟୁର୍ବେଦ ଡାକ୍ତରଙ୍କୁ ସର୍ଜରି ଦାୟିତ୍ୱକୁ ବିରୋଧ

ବ୍ରହ୍ମପୁର ଅଫିସ,୮।୧୨


ଏମ୍କେସିଜି ସମ୍ମୁଖରେ ଡାକ୍ତରଙ୍କ ବିକ୍ଷୋଭ।

ଭାରତର ସରକାରଙ୍କ ଆୟୁଷ ବିଭାଗର କେନ୍ଦ୍ରୀୟ ଚିକିତ୍ସା ପରିଷଦ ପକ୍ଷରୁ ଆୟୁଷ (ଆୟୁର୍ବେଦ) ଡାକ୍ତରଙ୍କୁ ଆଧୁନିକ ଅସ୍ତ୍ରୋପଚାର (ସର୍ଜରି) ଅନୁମତି ଦିଆଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିଷ୍ପତ୍ତିକୁ ଏଲୋପାଥିକ ଡାକ୍ତରମାନେ ଘୋର ବିରୋଧ କରୁଛନ୍ତି। ସେହିକ୍ରମରେ ମଙ୍ଗଳବାର ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ) ବ୍ରହ୍ମପୁର ଶାଖା ପକ୍ଷରୁ ଏମ୍କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ବହୁ ବରିଷ୍ଠ ଡାକ୍ତରଙ୍କ ସହ ଏମ୍କେସିଜିର ଡାକ୍ତରୀ ଛାତ୍ରମାନେ ଯୋଗ ଦେଇଥିଲେ। ଅସ୍ତ୍ରୋପଚାର କରିବା ପୂର୍ବରୁ ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ସର୍ଜରି ପାଇଁ ଏମ୍ଏସ୍ ତଥା ଏମ୍ସିଏଚ୍ ଡିଗ୍ରୀ ହାସଲ କରିବାକୁ ପଡ଼ିଥାଏ। ଡିଗ୍ରୀ ହାସଲ ପାଇଁ ଜଣେ ଏମ୍‌ବିବିଏସ୍ ଛାତ୍ର ଆନାଟୋମି ବିଷୟ ପଢିବା ସହ ମୃତଦେହ ଉପରେ ସେଗୁଡିକ ପ୍ରାକ୍ଟିକାଲ କରି ଦେଖିଥାଏ। ସେହିପରି ଏମ୍‌ବିବିଏସ୍ ପରେ ଗୋଟିଏ ବର୍ଷ ହାଉସ୍ ସର୍ଜନ, ତା'ପରେ ୩ ବର୍ଷ ଓ ପୁଣି ଆଉ ୩ ବର୍ଷ ପଢିବା ପରେ ଏମ୍ସିଏଚ ଡିଗ୍ରୀ ହାସଲ କରେ। ଆଉ ଏଥିପାଇଁ ଜଣେ ଛାତ୍ରଙ୍କୁ ସର୍ଜରି ଡାକ୍ତର ହେବାକୁ ୧୨ ବର୍ଷ ଲାଗିଥାଏ। ଏହି ପ୍ରକାର ଶିକ୍ଷାଦାନ ବ୍ୟବସ୍ଥା କୌଣସି ଆୟୁର୍ବେଦ କଲେଜରେ ନାହିଁ। ତେଣୁ ଆୟୁଷ ଡାକ୍ତରଙ୍କୁ ସର୍ଜରି କରିବାକୁ ଅନୁମତି ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ଆଇଏମ୍ଏ ଶାଖା ସଭାପତି ଡା. ସୁରେଶ ଚନ୍ଦ୍ର ମିଶ୍ର କହିଛନ୍ତି। ଆୟୁଷ ବିଭାଗ ତୁରନ୍ତ ଏହି ବିଜ୍ଞପ୍ତି ପ୍ରତ୍ୟାହାର କରୁ ବୋଲି ଶାଖା ସମ୍ପାଦକ କମଳାକାନ୍ତ ପାଣିଗ୍ରାହୀ କହିଛନ୍ତି। ବିକ୍ଷୋଭରେ ଡା. ସୁନୀଲ କୁମାର କୋଟା, ଡା. ବିଏନ୍ଆର ସୁବୁଦ୍ଧି, ଡା. ପ୍ରେମରାଜ ଶତପଥୀ ପ୍ରମୁଖ ସାମିଲ ହୋଇଥିଲେ।

## ସ୍ମାର୍ଟକ୍ଲାସ ଉପରେ ଗୁରୁତ୍ୱ

ବ୍ରହ୍ମପୁର ଅଫିସ, ୮।୧୨

କରୋନା ଯୋଗୁ ସ୍କୁଲ, କଲେଜ ଖୋଲିପାରୁ ନାହିଁ। ସରକାର ଅନ୍‌ଲାଇନ୍ ପାଠପଢାକୁ ଗୁରୁତ୍ୱ ଦେଇଛନ୍ତି। ଗଞ୍ଜାମ ଜିଲାରେ ଥିବା ୨୨ଆଦର୍ଶ ବିଦ୍ୟାଳୟରେ କିଭଳି ଭାବେ ଅନ୍‌ଲାଇନ୍ କ୍ଲାସ ଜାରି ରହିବ ସେଥିପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ୧୪ଟି ଆପ୍‌ଗ୍ରେଡେଶନ କରାଯାଇ ବିଦ୍ୟାଳୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ କିଭଳି ଭାବେ ଉପଯୋଗୀ ହୋଇପାରିବ ସେ ଉପରେ ପ୍ରାଥମିକତା ଦିଆଯାଇଥିବା ଜିଲା ଶିକ୍ଷା ନିରୀକ୍ଷକ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି। ଏହା ସହ ଜିଲାରେ ଥିବା ସମସ୍ତ ଆଦର୍ଶ ବିଦ୍ୟାଳୟରେ ଫଳାଫଳ ଯେମିତି ଶତପ୍ରତିଶତ ହେବ ସେ ଉପରେ ଦୃଷ୍ଟି ଦିଆଯାଇଛି। ଏହିସବୁ ବିଦ୍ୟାଳୟରେ କମ୍ପ୍ୟୁଟର ପ୍ରୋଜେକ୍ଟର ସ୍ଥାପନ କରିବା ପାଇଁ ଯୋଜନା କରାଯାଇଛି। ବିଦ୍ୟାଳୟଗୁଡିକରେ ପାଠ୍ୟ ଖସଡା ପ୍ରସ୍ତୁତ ହୋଇ କିପରି ଛାତ୍ରୀଛାତ୍ରମାନେ ଉନ୍ନତମାନର ଶିକ୍ଷା ପାଇବେ ସେ ଉପରେ ବିଚାର କରାଯାଉଛି।

## ଗଞ୍ଜାମ ସହରରେ ପରିମଳ ବିପର୍ଯ୍ୟସ୍ତ

ଗଞ୍ଜାମ,୮।୧୨(ଡି.ଏନ୍.ଏ.)

ଗଞ୍ଜାମ ସହରରେ ଗତ କିଛି ମାସ ହେବ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରର ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ଅଳିଆ ଆବର୍ଜନା ଦୀର୍ଘ ଦିନ ଧରି ପଡ଼ି ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ବୃଦ୍ଧି ପାଉଛି। ୱାର୍ଡ ନଂ. ୮ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପୁଇଁତୋଳା ଏମ୍ଇ ସ୍କୁଲ ସମ୍ମୁଖରେ ଦୈନନ୍ଦିନ ଅଳିଆ ପଡୁଥିବା ବେଳେ ଏଥିପ୍ରତି କାହାର ଦୃଷ୍ଟି ପଡୁନି।

## କରୋନା ସକ୍ରିୟ ରୋଗୀ ସଂଖ୍ୟା ୩୦କୁ ଖସିଲା

### ଗଞ୍ଜାମ ଟିମ୍‌କୁ ଶ୍ରେୟ ଦେଲେ ଜିଲାପାଳ

ଛତ୍ରପୁର,୮।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୦କୁ ହ୍ରାସ ପାଇଛି। ଗତ ସପ୍ତାହେ ହେଲା ଦୈନିକ ୧୦ ତଳକୁ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଜିଲାରେ ଜିରୋ ପଜିଟିଭ୍ ଆକ୍ଟିଭ୍ ଆମର ଲକ୍ଷ୍ୟ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଗତ ଦୁଇ ଦିନ ହେଲା ଆର୍‌ଟି-ପିସିଆର୍ ଟେଷ୍ଟରେ ଜଣେ ମଧ କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। ଗଞ୍ଜାମ ଟିମ୍ ଓ କୋଭିଡ୍ ଯୋଦ୍ଧାମାନଙ୍କୁ ଜିଲାପାଳ ଏହାର ଶ୍ରେୟ ଦେଇଛନ୍ତି। ଜିଲାରେ ଦୈନିକ ୫ ହଜାର ଆଣ୍ଟିଜେନ୍ ଟେଷ୍ଟ ଓ ୫୫୦ ଆରଟି-ପିସିଆର୍ ଟେଷ୍ଟ ପାଇଁ ଗତ ୧୫ ଦିନ ପୂର୍ବେ ଜିଲାପାଳ ଟାର୍ଗେଟ ଦେଇଥିଲେ। ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କର କିଭଳି କରୋନା ଟେଷ୍ଟ ହେବ, ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସୋମବାର ଜିଲାରେ ୨,୯୭୩ ଜଣଙ୍କ କରୋନା ଟେଷ୍ଟ ହୋଇଛି। ଏହାକୁ ମିଶାଇ ଏବେ ସୁଦ୍ଧା ଜିଲାରେ ମୋଟ ୬ ଲକ୍ଷ ୭୬ ହଜାର ୯୮୧ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଜିଲାରେ ସୋମବାର ମାତ୍ର ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧରେ ବ୍ରହ୍ମପୁର ମହାନଗର ନିଗମର ୩ ଜଣ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବାବେଳେ ଛତ୍ରପୁରର ଜଣେ କରୋନା ଯୋଦ୍ଧା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୧୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଜିଲାପାଳଙ୍କ ସୂଚନା ଅନୁସାରେ ଏବେ ସୁଦ୍ଧା ଜିଲାର ୨୧,୬୯୦ ଜଣ କରୋନାରେ ସଂକ୍ରମିତ ହେଲେଣି। ସେଥିମଧ୍ୟରୁ ୨୧,୪୦୭ ଜଣ ଆରୋଗ୍ୟ ହୋଇଛନ୍ତି, ଯାହାକି ୯୮.୭% ରହିଛି। କରୋନା ଜିଲାର ୨୪୫ ଜଣଙ୍କ ଜୀବନ ନେଇଛି।

# ଗଞ୍ଜାମ ଜିଲାରେ ବନ୍ଦ ପ୍ରଭାବ


ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡିକ ଅଟକି ରହିଛି।

ବ୍ରହ୍ମପୁର ଅଫିସ,୮।୧୨

କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ବିରୋଧ କରି ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଭାରତବନ୍ଦ ଡାକରା ଦିଆଯାଇଥିଲା। ଏହାକୁ କଂଗ୍ରେସ, ବାମପନ୍ଥୀ ଦଳଗୁଡ଼ିକ ମଧ ସମର୍ଥନ କରିଥିଲେ। ଗଞ୍ଜାମ ଜିଲାରେ ବନ୍ଦ ଶାନ୍ତିପୂର୍ଣ୍ଣ ହୋଇଛି। ବିଭିନ୍ନ ସ୍ଥାନରେ ରାଜନୈତିକ ଦଳ ଓ କୃଷକ ସଙ୍ଗଠନ ମିଳିତ ଭାବେ ପିକେଟିଂ କରି ବନ୍ଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ରହ୍ମପୁର ସମେତ ଛତ୍ରପୁର, ଭଞ୍ଜନଗର, ଆସିକା, ହିଞ୍ଜିଳିକାଟୁ, ଦିଗପହଣ୍ଡି ଆଦି ସମସ୍ତ ସହରରେ ଗାଡ଼ିମୋଟର ଚଳାଚଳ ଓ ଦୋକାନ ବଜାର ବନ୍ଦ ରହିଥିଲା। କଂଗ୍ରେସ ଓ ଅନ୍ୟ ବିରୋଧୀ ନେତାମାନେ ରାଲି କରିବା ବିକ୍ଷୋଭ ପ୍ରଦର୍ଶନ କରି କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ବ୍ରହ୍ମପୁରରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ୍‌ଙ୍କ ଆହ୍ୱାନକ୍ରମେ ଜିଲା ଓ ଛାତ୍ର କଂଗ୍ରେସ ପକ୍ଷରୁ ସହରରେ ପିକେଟିଂ କରାଯାଇଥିଲା। ସିପିଏମ୍‌ର ଯୁଧିଷ୍ଠର ବେହେରା, ହରିକୃଷ୍ଣ ରେଡ୍ଡୀ, ଗୋପାଳ ପାଣିଗ୍ରାହୀ, ପ୍ରତାପ ଚୌଧୁରୀଙ୍କ ସମେତ ଛାତ୍ର କଂଗ୍ରେସ ସଭାପତି ପତିତ ପାବନ ଗନ୍ତାୟତ, ତତ୍‌ସତ ସୁବୁଦ୍ଧି, ରୁଦ୍ର ପ୍ରସାଦ ଖୁଣ୍ଟିଆ ଓ ରୁଦ୍ର ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ୮୧ ଏକର ଜମିର ଗଞ୍ଜେଇ ପୋଡ଼ାଗଲା

ପାରଳାଖେମୁଣ୍ଡି,୮।୧୨(ଡି.ଏନ୍.ଏ.)

ଗଜପତି ଜିଲାପାଳ ଅନୁପମ ସାହା, ଏସ୍‌ପି ତପନ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲାରୁ ଗଞ୍ଜେଇ ଚାଷ ଓ ବେଆଇନ କାରବାର ସମ୍ପୂର୍ଣ୍ଣ ବିଲୋପ ପାଇଁ ଅଭିଯାନ ଆରମ୍ଭ ହୋଇଛି। ପୋଲିସ, ଅବକାରୀ, ରାଜସ୍ୱ ଓ ବନ ବିଭାଗ ତରଫରୁ ମିଳିତ ଭାବେ ବ୍ୟାପକ ଚଢ଼ାଉ କରାଯାଉଛି। ମୋହନା ଥାନା ଅଞ୍ଚଳର ଗୁବୁରିଗୁଡା ଏବଂ ମହୁଲମେଲାଣୀ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ମାଣିକପୁର ପଞ୍ଚାୟତ ସଂଲଗ୍ନ ପାହାଡ଼ ଜମିରେ ଗଞ୍ଜେଇ ଚାଷ ହୋଇଥିବା ଖବର ମିଳିଥିଲା। ମୋହନା ପୋଲିସ ଆଇଆଇସି ସୁଜିତ କୁମାର ନାୟକଙ୍କ ନେତୃତ୍ୱରେ ଅବକାରୀ, ବନ ଓ ରାଜସ୍ୱ ବିଭାଗର କର୍ମକର୍ତ୍ତାମାନେ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ୮୧ ଏକର ଜମିରୁ ସମସ୍ତ ଗଞ୍ଜେଇ ଗଛକୁ କାଟି ପୋଡ଼ି ଦିଆଯାଇଥିବା ସୂଚନା ମିଳିଛି। ତେବେ ଘଟଣାସ୍ଥଳରୁ କାହାରିକୁ ଗିରଫ କରାଯାଇ ନଥିବା ଜଣାଯାଇଛି।

## ନର୍ସିଂ ଛାତ୍ରୀଛାତ୍ରଙ୍କ ଧାରଣା ୨ୟ ଦିନରେ

ବ୍ରହ୍ମପୁର ଅଫିସ, ୮।୧୨


ନର୍ସିଂ ଛାତ୍ରୀଛାତ୍ରଙ୍କ ଧାରଣା।

ସ୍ଥାୟୀ ନିଯୁକ୍ତି ଦାବିରେ ଏମ୍କେସିଜି ମେଡିକାଲ କୋଭିଡ୍ ହସ୍ପିଟାଲରେ କାର୍ଯ୍ୟରତ ଷ୍ଟାଫନର୍ସଙ୍କ ଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। କରୋନା ଆସିବା ପରେ ଏମ୍କେସିଜି ମେଡିକାଲ ପକ୍ଷରୁ ୪ଟି ପର୍ଯ୍ୟାୟରେ ଅସ୍ଥାୟୀ ଭାବେ ପ୍ରାୟ ୨୮୦ରୁ ଊର୍ଦ୍ଧ୍ୱ ନର୍ସଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେଥିରୁ ଅଧିକାଂଶ ଏମ୍କେସିଜି କୋଭିଡ୍ ହସ୍ପିଟାଲରେ କାର୍ଯ୍ୟରତ ଥିବା ବେଳେ କେତେଜଣଙ୍କୁ ଶୀତଳାପଲ୍ଲୀ ଟାଟା-ହାଇଟେକ୍ କୋଭିଡ୍ ହସ୍ପିଟାଲରେ ନିଯୁକ୍ତି କରାଯାଇଛି। ବର୍ତ୍ତମାନ ୨୩୫ ଜଣ ୨ ହସ୍ପିଟାଲରେ କାର୍ଯ୍ୟ କରୁଛନ୍ତି। ହେଲେ ଗତମାସ ୨୭ରେ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ପକ୍ଷରୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଖାଲିଥିବା ୬୪୩୨ ନର୍ସ ପଦ ପାଇଁ ନିଯୁକ୍ତି ବିଜ୍ଞାପନ ବାହାରିଛି। ଆସନ୍ତା ୩୧ ତାରିଖରେ ଏହି କର୍ମଚାରୀଙ୍କ ଚୁକ୍ତି ସରିବ। ସେପଟେ ଆବେଦନ ପାଇଁ ସୋମବାରରୁ ଅନ୍‌ଲାଇନ୍‌ରେ ଆବେଦନ ଗ୍ରହଣ ଆରମ୍ଭ ହୋଇଛି। ମୋଟ ପଦବୀ ମଧ୍ୟରେ ଏମ୍କେସିଜି ପାଇଁ ୨୫୦ରୁ ଊର୍ଦ୍ଧ୍ୱ ପଦବୀ ରହିଛି। ତେଣୁ ଏମ୍କେସିଜିରେ ଖାଲିଥିବା ପଦବୀଗୁଡ଼ିକରେ ସେମାନଙ୍କୁ ସିଧାସଳଖ ନିଯୁକ୍ତି ଦିଆଯାଉ ବୋଲି ଧାରଣାରତ ଷ୍ଟାଫନର୍ସମାନେ କହିଛନ୍ତି। କରୋନା ମୁକାବିଲା ପାଇଁ ନିଯୁକ୍ତି ପାଇଥିବା ରାଜ୍ୟର ୩ ହଜାରରୁ ଊର୍ଦ୍ଧ୍ୱ ଷ୍ଟାଫନର୍ସଙ୍କୁ ଅଗ୍ରାଧିକାର ଦିଆଯାଇ ଏହି ନର୍ସପଦରେ ସ୍ଥାୟୀ ନିଯୁକ୍ତି ଦେବା ପରେ ବଳକା ପଦବୀରେ ନୂଆ ଆବେଦନକାରୀଙ୍କୁ ସୁଯୋଗ ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଏମ୍କେସିଜି କର୍ତ୍ତୃପକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ନୂତନ ଯୋଗାଣ ନିରୀକ୍ଷକଙ୍କ ଯୋଗଦାନ

ଶେରଗଡ଼,୮।୧୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକରେ ନୂତନ ଯୋଗାଣ ନିରୀକ୍ଷକ ଭାବେ ସଞ୍ଜୟ କୁମାର ପ୍ରଧାନ ଯୋଗ ଦେଉଛନ୍ତି। ସେ କବିସୂର୍ଯ୍ୟନଗରରେ ଯୋଗାଣ ନିରୀକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ବ୍ଲକରେ ଥିବା ଯୋଗାଣ ନିରୀକ୍ଷକ ଶରତ କୁମାର ରାଉତଙ୍କ ବଲାଙ୍ଗିର ବଦଳି ହେବା ପରେ ସଞ୍ଜୟ ଏହି ଦାୟିତ୍ୱ ନେଇଛନ୍ତି। ସୋମବାର ଏକ ବିଦାୟୀକାଳୀନ ସଭା କରାଯାଇଥିଲା। ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରାଉତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

## ପାଣିପଞ୍ଚାୟତର କର୍ମକର୍ତ୍ତା ନିର୍ବାଚନ

### ବିଦ୍ୟାଧର ହେଲେ ସଭାପତି

ଦିଗପହଣ୍ଡି,୮।୧୨(ଡି.ଏନ.ଏ.)

ଘୋଡ଼ାହାଡ଼ ପାଣିପଞ୍ଚାୟତ ଶୀର୍ଷ କମିଟି ଅଧୀନ ମାଁ ମାଣିକେଶ୍ୱରୀ ପାଣି ପଞ୍ଚାୟତ ଚକ କମିଟି କାର୍ଯ୍ୟକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଘୋଡାହାଡ଼ ଡ୍ୟାମ ବିଶ୍ରାମ ବଙ୍ଗଳାଠାରେ ଅନୁଷ୍ଠିତ ନିର୍ବାଚନରେ ବିଦ୍ୟାଧର ମହାପାତ୍ର ତାଙ୍କ ପ୍ରତିପକ୍ଷ ପ୍ରାର୍ଥୀ ପ୍ରଫୁଲ୍ଲ ବିଷୋୟୀଙ୍କୁ ୧ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ଚକ କମିଟି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି କୋଷାଧ୍ୟକ୍ଷ ପଦବୀ ପାଇଁ ଗୌରଚନ୍ଦ୍ର ଜାନି ଏବଂ ଉଦୟ ନାଥ ଗୌଡ଼ ନାମାଙ୍କନ ଦାଖଲ କରିଥିଲେ। ଉଭୟେ ୧୦ଟି ଲେଖାଏ ଭୋଟ ପାଇଥିବା ଯୋଗୁ ନିୟମାନୁଯାୟୀ ଧର୍ମଗୁଳା ପକାଯାଇ ଗୌର ଜାନି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସମ୍ପାଦକ ପଦବୀ ପାଇଁ ପବିତ୍ର ଦଳେଇଙ୍କ ବ୍ୟତୀତ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବାରୁ ସେ ବିଜୟୀ ଘୋଷିତ ହୋଇଥିଲେ। ସେହିପରି ମାଁ ରାମଚଣ୍ଡୀ ପାଣି ପଞ୍ଚାୟତ ସଭାପତି ଭାବେ ରାମହରି ଗୌଡ଼, ସମ୍ପାଦକ ବିଜୟ କୁମାର ଗୌଡ଼ ଓ କୋଷାଧ୍ୟକ୍ଷ ଭାବେ ଶାନ୍ତି ପଣ୍ଡା ନିର୍ବାଚିତ ହୋଇଥିଲେ। ଘୋଡ଼ାହାଡ଼ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଉପନିର୍ବାହୀ ଯନ୍ତ୍ରୀ ତଥା ନିର୍ବାଚନ ଅଧିକାରୀ ଇଂ. ଏ. ଗୋପାଳ ରାଓ ସମସ୍ତ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସହକାରୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ଓ କର୍ମଚାରୀ ପ୍ରଦୀପ କୁମାର ମହାନ୍ତି, ବୀରକିଶୋର ରାଉତ, ଭକ୍ତ ଦଳାଇ, ବାସୁଦେବ ଓଡ଼ିଆ, ବିନୋଦ ଗୌଡ଼ ସହଯୋଗ କରିଥିଲେ। ବିନୋଦ ଗୌଡ଼ ସହଯୋଗ କରିଥିଲେ।

## ଖତ ହେଉଛି ୭ ଦୋକାନ ଗୃହ

କାଶୀନଗର,୮।୧୨(ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ଏନ୍ଏସି ତରଫରୁ ସ୍ଥାନୀୟ ଦୈନିକ ବଜାରଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ୭ଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ୨୦୧୧ ଏପ୍ରିଲ ୮ ତାରିଖରେ ତତ୍କାଳୀନ ରାଜ୍ୟପାଳ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ଏହାକୁ ଉଦ୍‌ଘାଟନ କରିଥିଲେ। ତେବେ ଦୀର୍ଘ ୧୦ବର୍ଷ ବିତି ଯାଇଥିଲେ ମଧ ଏହି ଦୋକାନ ଗୃହଗୁଡ଼ିକୁ କାହାରିକୁ ଭଡା କିମ୍ବା ଅନ୍ୟ କେଉଁ ସୂତ୍ରରେ ଦିଆଯାଇ ପାରିନାହିଁ। ଫଳରେ ଦୋକାନଗୁଡିକର ଶଟରରେ କଳଙ୍କି ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଶଟର ନଷ୍ଟ ହୋଇଯିବାରୁ ଦୋକାନ ଗୃହରେ ଅସାମାଜିକ ଲୋକେ ଆଡ୍ଡା ଜମାଇଲେଣି। ଅନ୍ୟପକ୍ଷରେ ବଜାର ନିକଟରେ ବସ୍‌ଷ୍ଟାଣ୍ଡ ଥିବାରୁ ଯାତ୍ରୀଙ୍କ ସୁବିଧା ପାଇଁ ୨ଟି ଶୌଚାଳୟ ମଧ ନିର୍ମାଣ କରାଯାଇଥିଲା। ୧୦ବର୍ଷ ହେଲା ଉକ୍ତ ଶୌଚାଳୟକୁ ପାଣି ବ୍ୟବସ୍ଥା କରାଯାଇ ପାରି ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣା ରାଉତଙ୍କ ସହ ଯୋଗାଯୋଗ କରିବାରୁ ଏହା ଉପରେ ଅନୁଧାନ କରିଛି, ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



# ୨୬୮୪ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

ଛତ୍ରପୁର,୮।୧୨(ଡି.ଏନ୍.ଏ.)

**ଗଞ୍ଜାମ ଜିଲା**
- ଚଳିତବର୍ଷ ଅକ୍ଟୋବର ସୁଦ୍ଧା ୫.୫୬ କୋଟି ଜରିମାନା ଆଦାୟ
- ୧୪୫ ଜଣଙ୍କ ନାଁରେ ମାମଲା ଦାଏର

ଗଞ୍ଜାମ ଜିଲାରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି ପୋଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। କରୋନା ସଂକ୍ରମିତଙ୍କ ସଂଖ୍ୟା କମୁଥିବାରୁ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଗାଡି ଯାଞ୍ଚକୁ କଡ଼ାକଡ଼ି କରାଯାଇ ଜରିମାନା ଆଦାୟ କରାଯାଉଛି। ୨ ପୋଲିସ ଜିଲାରେ ଦିନକୁ ପାଖାପାଖି ୩ ଲକ୍ଷ ଟଙ୍କା ଜରିମାନା ଆଦାୟ ହେଉଛି। ଏଥିସହ ଗଞ୍ଜାମ ଆରଟିଓଙ୍କ ପକ୍ଷରୁ ମଧ ଗାଡ଼ି ଯାଞ୍ଚ ଜାରି ରହିଛି। ଆସନ୍ତା ଜାନୁୟାରୀରୁ ନିୟମ ଆହୁରି କଡ଼ାକଡ଼ି କରାଯିବ ବୋଲି ସତର୍କ କରାଇ ଦିଆଯାଇଛି। ବାଇକ୍ ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ଉଭୟେ ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି।

ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଜିଲାର ୨,୬୮୪ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ହୋଇଛି। ସେଥିମଧ୍ୟରୁ ୧,୭୯୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ ପୋଲିସ ପକ୍ଷରୁ ଗଞ୍ଜାମ ଆରଟିଓଙ୍କୁ ସୁପାରିସ କରାଯାଇଥିଲା। ଅନ୍ୟଗୁଡିକ ଆରଟିଓଙ୍କ ପକ୍ଷରୁ ରଦ୍ଦ କରାଯାଇଥିଲା। ମଦ୍ୟପାନ କରି ଗାଡ଼ି ଚଳାଉଥିବାରୁ ୨୭୫ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବାବେଳେ ୩୯୨ ଜଣ ମୋବାଇଲ ବ୍ୟବହାର କରି ଗାଡି ଚଳାଉଥିବା, ଅଧିକ ଲୋକ ନେଇ ଯାଉଥିବା ୩୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିପରି ଟ୍ରାଫିକ୍ ନିୟମ ଉଲ୍ଲଂଘନ ନେଇ ୩୦,୧୩୫ ଜଣଙ୍କ ଇ-ଚାଲାଣ କଟାଯାଇ ଥିବାବେଳେ ୫ କୋଟି ୫୬ ଲକ୍ଷ ୨୧ ହଜାର ୭୩୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୪୫ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଗାଡି ଯାଞ୍ଚ ବେଳେ ୧,୯୧୧ ଜଣଙ୍କ ବୀମା କାଗଜପତ୍ର ନ ଥିବାରୁ ସେମାନଙ୍କ ଠାରୁ ୩ ଲକ୍ଷ ୪୪ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ବିନା ହେଲମେଟ୍‌ରେ ଗାଡିଚାଳନା କରୁଥିବା ବ୍ୟକ୍ତିଙ୍କଠାରୁ ୨ କୋଟି ୪୫ ଲକ୍ଷ ୭୨ ହଜାର ୪୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେଥିମଧ୍ୟରୁ ପୋଲିସ ୨ କୋଟି ୪୨ ଲକ୍ଷ ୧୪୦୦ ଟଙ୍କା ଆଦାୟ କରିଛି। ଗଞ୍ଜାମ ପୋଲିସ ଜିଲାରେ ସୋମବାର ୧ ଲକ୍ଷ ୬୮ ହଜାର ୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏସ୍‌ପି ବ୍ରିଜେଶ କୁମାର ରାଏ ମଙ୍ଗଳବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ ନେଇ ରବିବାର ୧ ଲକ୍ଷ ୭୬ ହଜାର ୫୦୦ ଟଙ୍କା, ଶନିବାର ୧ ଲକ୍ଷ ୭୪ ହଜାର ୭୦୦, ଶୁକ୍ରବାର ୧ ଲକ୍ଷ ୭୭ ହଜାର ୪୦୦, ଗୁରୁବାର ୧ ଲକ୍ଷ ୨୧ ହଜାର ୫୦୦, ବୁଧବାର ୫୦ ହଜାର ୫୦୦ ଓ ମଙ୍ଗଳବାର ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଧାନ ସଂଗ୍ରହ ସମ୍ପର୍କିତ ବୈଠକ

ବୁଗୁଡ଼ା,୮।୧୨(ଡି.ଏନ୍.ଏ.): ବୁଗୁଡ଼ା ପ୍ରଶାସନ ପକ୍ଷରୁ ବୁଗୁଡ଼ା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପୁରାତନ ସଭାଗୃହରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ସମ୍ପର୍କିତ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଡିଓ ତନ୍ମୟ ପାତ୍ର, ତହସିଲଦାର ସଂଗ୍ରାମ କେଶରୀ ଜେନା, ଭଞ୍ଜନଗର ଏସିଏସ୍‌ଓ ଲିଙ୍ଗରାଜ ବେହେରା, ଏଆର୍‌ସିଏସ୍ ଲକ୍ଷ୍ମୀନୃସିଂହ ବେହେରା, ସୁପରଭାଇଜର ପ୍ରଫୁଲ୍ଲ କୁମାର ଜେନା, ବୁଗୁଡ଼ା ମାର୍କେଟିଂ ଇନ୍ସପେକ୍ଟର ଅମିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଡିସେମ୍ବର ୧୬ ପରେ ବ୍ଲକରେ ମଣ୍ଡି ଖୋଲିବା ଅବସରରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ବେଳେ ସ୍ୱଚ୍ଛତା ରକ୍ଷା କରିବା ସହ ମଣ୍ଡିରେ ଯେପରି ଧାନ ବିକ୍ରୟ ହୋଇପାରିବ, ସେ ସମ୍ପର୍କରେ ଅଧିକାରୀମାନେ ଉପସ୍ଥିତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଧାନ କ୍ୱିଣ୍ଟାଲ ପିଛା ୧୮୬୮ ଟଙ୍କାରେ ସରକାରୀ ମୂଲ୍ୟରେ ଚାଷୀଙ୍କଠାରୁ କ୍ରୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏ ଦିଗରେ ସମସ୍ତେ ସହଯୋଗ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।

## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଜବତ

ବୁଗୁଡ଼ା,୮ା୧୨(ଡି.ଏନ.ଏ.): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଛକ ନିକଟରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଆସ୍କା ନୁଆଁଗାଁର ଚନ୍ଦ୍ର ସାହୁ। ବାଲିପଦର ଫାଣ୍ଡି ଅଧିକାରୀ ନିରଞ୍ଜନ ଦାସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ନେଇ ନଂ. ୩୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଚନ୍ଦ୍ର ଶ୍ୱଶୁର ଘର ଆମ୍ୱପୁଆରେ ରହୁଥିବା ବେଳେ କିଛି ଦିନ ହେଲା ବାଲିପଦର ଅଞ୍ଚଳରେ ମାଗି ଯାଚି ଚଳୁଥିଲେ। ସକାଳେ ଚା’ ପିଇ ସାରି ଖରାରେ ଠିଆ ହୋଇଥିବା ବେଳେ ହଠାତ ଚନ୍ଦ୍ର ତଳେ ପଡିଯାଇ ମୃତ୍ୟୁ ବରଣ କରିଥିଲେ। ସେ କର୍କଟ ରୋଗରେ ପୀଡ଼ିତ ଥିଲେ ବୋଲି କୁହାଯାଉଛି।

### ଆକ୍ରମଣ-ପ୍ରତିଆକ୍ରମଣ ମାମଲା
### ଜ୍ୱାଇଁ, ଶାଳକ ଅଟକ

ଦିଗପହଣ୍ଡି,୮ା୧୨(ଡି.ଏନ.ଏ.): ଆକ୍ରମଣ-ପ୍ରତି ଆକ୍ରମଣ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦିଗପହଣ୍ଡି ଚିକିଟିଆ ସାହିର ଜ୍ୱାଇଁ-ଶାଳକଙ୍କୁ ଦିଗପହଣ୍ଡି ପୋଲିସ ଅଟକ ରଖିଛି। ଉଭୟଙ୍କ କୋଭିଡ ରିପୋର୍ଟ ମିଳିବା ପରେ ମାମଲା ନଂ.୨୯୩/୨୦ଅନୁଯାୟୀ ବୁଧବାର ଅଭିଯୁକ୍ତ ଦ୍ୱୟଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ କହିଛନ୍ତି। ଅଶ୍ଳୀଳ ଟିପ୍ପଣୀକୁ କେନ୍ଦ୍ରକରି ଗତ ବୁଧବାର ସକାଳେ ଦିଗପହଣ୍ଡିରେ ରହୁଥିବା ଦୁଇ ପରିବାର ମଧରେ ହାତାହାତି ହୋଇଥିଲା। ଉଭୟ ପରିବାରର ଲୋକେ ଏଥିରେ ଆହାତ ହୋଇଥିଲେ। ଏନେଇ ଉଭୟ ପକ୍ଷରୁ ସୋମବାର ଦିଗପହଣ୍ଡି ଥାନାରେ ଏତଲା ଦିଆଯାଇଥିଲା।

### ଚିରିକିପଡ଼ା ଗାଁ ମୁଖିଆଙ୍କ ପରଲୋକ

ବୁଗୁଡା,୮ା୧୨(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଚିରିକିପଡା ଗ୍ରାମର ମୁଖିଆ ପୁରୁଷୋତ୍ତମ ପଣ୍ଡାଙ୍କ ସୋମବାର ପରଲୋକ ହୋଇଛି। ହଠାତ୍ ଶ୍ୱାସ ନେବାରେ ଅସୁବିଧା ହେବାରୁ ପୁରୁଷୋତ୍ତମଙ୍କୁ ବୁଗୁଡ଼ା ମେଡିକାଲ ଭର୍ତ୍ତି କରାଯାଇଥିଲା। ସେଠାରୁ ବ୍ରହ୍ମପୁର ନେବାକୁ ଯୋଜନା ଚାଲିଥିବା ବେଳେ ଅପରାହ୍ନ ୪ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୀର୍ଘ ବର୍ଷ ହେଲା ଚିରିକିପଡ଼ା ଗାଁ ମୁଖିଆ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କ ମୃତ୍ୟୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଅନିର୍ଦ୍ଦିଷ୍ଟ କାଳ ପାଇଁ ଟ୍ରାକ୍ଟର ଚଳାଚଳ ବନ୍ଦ

ରାମଗିରି,୮ା୧୨(ଡି.ଏନ.ଏ.): ଆର.ଉଦୟଗିରି ବ୍ଲକ ରାମଗିରିଠାରେ ନୂତନ ଭାବେ ଗଠିତ ହୋଇଥିବା ଟ୍ରାକ୍ଟର ସଂଘର ମାଲିକମାନେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଟ୍ରାକ୍ଟର ଚଳାଚଳ ବନ୍ଦ କରିଛନ୍ତି। ରାମଗିରି ତଥା ଅନଘା, ତବାରସିଂ, ମଙ୍ଗରାଜପୁର, ସୁବଲଡ଼ା, ପରିସଲ, ରଣ୍ଡିବା ଓ ନୂଆଗଡ଼ ବ୍ଲକର ବେତାରସିଂ, ଟାଙ୍ଗିଲି ଗ୍ରାମପଞ୍ଚାୟତର ପ୍ରାୟ ୧୪୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର ଚଳାଚଳ ବନ୍ଦ କରାଯାଇଛି। ଫଳରେ ଦ୍ୱାରା ଚଳୁଥିବା ପ୍ରାୟ ୭୦୦ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି। ସଂଘ ସଭାପତି ନିରଞ୍ଜନ ଗୌଡ଼ଙ୍କ ପ୍ରକାରେ, ଆମ ଅଞ୍ଚଳରେ ବାଲି ସଇରାତ କିମ୍ବା ପଥର ଖାଦାନଟିଏ ନାହିଁ। ଏଥିପାଇଁ ଆମେ ମୋହନା ବ୍ଲକ ଉପରେ ନିର୍ଭର କରୁଛୁ। ଉନ୍ନତ ମାନର ବାଲି ଆଣିବାକୁ ହେଲେ ଖସଡ଼ା ଜଳପ୍ରପାତ ନାଳକୁ ଯିବାକୁ ପଡୁଛି। ହେଲେ ଦିନକୁ ୫୧୪୦ ଟଙ୍କା ରୟାଲ୍‌ଟି କାଟିବା ପାଇଁ ପ୍ରଶାସନ କହୁଛି। ଅଞ୍ଚଳରେ ୯୮% କାମ ସରକାରୀ ହୋଇଥିବା ବେଳେ ୨% ବେସରକାରୀ। ସରକାରୀ କାମରେ ଆମକୁ ଦୁଇଥର ରୟାଲ୍‌ଟି ଦେବାକୁ ପଡୁଛି। ନ ଦେଲେ ଚାଳକଙ୍କୁ ଜେଲ୍ ଯିବାକୁ ପଡୁଛି। ଅନ୍ୟପଟେ ସରକାରୀ କାମରେ ବିଲ୍ ପାଇଲା ବେଳକୁ ଆଉଥରେ ରୟାଲ୍‌ଟି ଦେବାକୁ ପଡୁଛି। ତେଣୁ ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ୭୦୦ରୁ ଊର୍ଦ୍ଧ୍ୱ ପରିବାର ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ଚେତାବନୀ ଦେଇଛନ୍ତି। ଏନେଇ ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି, ତହସିଲ ଅଞ୍ଚଳରେ ଲିଜ୍‌ଧାରୀମାନେ କୌଣସି ଟ୍ରାକ୍ଟର ମାଲିକଙ୍କୁ ୱାଇ-ଫର୍ମ ପ୍ରଦାନ କରୁନାହାନ୍ତି। ଫଳରେ ଲିଜ୍ ହୋଇ ନ ଥିବା ସଇରାତରୁ ବାଲି ଉଠାଉଥିବା ଖବର ପାଇ ଆମେ ଉକ୍ତ ଗାଡ଼ିକୁ ରୟାଲ୍‌ଟି ଓ ପେନାଲ୍‌ଟି ଆକାରରେ ଜରିମାନା ଆଦାୟ କରୁଛୁ।

# ଗିରଫ ଭୟ, କୃଷ୍ଣପୁର ଗାଁ ପୁରୁଷଶୂନ୍ୟ

ଦିଗପହଣ୍ଡି,୮ା୧୨(ଡି.ଏନ୍.ଏ.)

**ଗାଁରୁ ମିଳିଥିଲା ୧୪.୭୦ କୁଇଣ୍ଟାଲ ଗଞ୍ଜେଇ, ବନ୍ଧୁକ**



କୃଷ୍ଣପୁର ଗାଁ



ଗଞ୍ଜେଇ ଭର୍ତ୍ତି ଟ୍ରଙ୍କ ଓ ବସ୍ତା ଗୁଡ଼ିକୁ ଜଗି ରହିଛନ୍ତି ପୋଲିସ

ଗଞ୍ଜାମ-ଗଜପତି ସୀମାନ୍ତ ଆଦିବାସୀ ବହୁଳ କୃଷ୍ଣପୁର ଗ୍ରାମରେ ପୋଲିସ ଓ ଅବକାରୀ ଟିମ୍ ଚଢ଼ାଉ କରି ସୋମବାର ୧୪.୭୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି। ଗିରଫ ଭୟରେ ଉକ୍ତ ଗାଁ ପୁରୁଷଶୂନ୍ୟ ହୋଇଯାଇଛି।

ପ୍ରକାଶ ଯେ, ଉକ୍ତ ଗ୍ରାମରେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ପୋଲିସ ପହଞ୍ଚି କେତେଜଣଙ୍କ ଘରେ ଥିବା ଟ୍ରଙ୍କ ଓ ପାଇଖାନାରେ ରଖାଯାଇଥିବା ଗଞ୍ଜେଇ ବସ୍ତା ଗୁଡ଼ିକୁ ଜବତ କରିଥିଲା। ଏଥିସହ ଜଣଙ୍କ ଘରୁ ଦେଶୀ ବନ୍ଧୁକ ସମେତ ଏକ କାର୍‌କୁ ମଧ୍ୟ ଜବତ କରିଛି। ଏଭଳି ଘଟଣା ଗଞ୍ଜାମ ଜିଲାରେ ପ୍ରଥମ ବୋଲି ଜଣାପଡିଛି। ପାଟପୁର ଆଇଆଇସି ଅଜୟ କୁମାର ବାରିକଙ୍କ ଏତଲା କ୍ରମେ ନଂ.୩୦୧, ୩୦୨/୨୦ରେ ପୃଥକ୍ ମାମଲା ରୁଜୁ କରାଯାଇଛି। ସାନଖେମୁଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ମଙ୍ଗଳବାର ଜବତ ଗଞ୍ଜେଇକୁ ସିଲ୍ କରାଯାଇଛି। ଅନ୍ୟପଟେ କୃଷ୍ଣପୁର ଗ୍ରାମ ନିକଟ ଜଙ୍ଗଲରୁ ପ୍ରାୟ ୫ ଏକର ଜମିରେ ଥିବା ଗଞ୍ଜେଇ ଗଛକୁ ପ୍ରଶାସନ ଜାଳି ଦେଇଛି। ସାନଖେମୁଣ୍ଡି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ନିରୀକ୍ଷକ ଉଦୟ ଚନ୍ଦ୍ର ସାମନ୍ତ, ବ୍ରହ୍ମପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ରୋଶନ ଇସୁ ହାଁସଦା, ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ଇନ୍‌ସ୍ପେକ୍ଟର ବାଳକୃଷ୍ଣ ପଣ୍ଡା, ଦିଗପହଣ୍ଡି ଅବକାରୀ ଏସ୍‌ଆଇ ଅଭିରାମ ସାହୁ, ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ପାଟପୁର, ଶେରଗଡ଼ ଓ ଧରାକୋଟ ଥାନା ଆଇଆଇସିଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ଏହି ଚଢ଼ାଉରେ ସାମିଲ ଥିଲେ। ଖବର ଲେଖା ହେବା ସୁଦ୍ଧା କାହାରିକୁ ଗିରଫ କରାଯାଇ ନାହିଁ।

### ଦୁର୍ଘଟଣାରେ ଗୁରୁତର ଆହତଙ୍କ ମୃତ୍ୟୁ

ଗଞ୍ଜାମ,୮ା୧୨(ଡି.ଏନ୍.ଏ.)

ପାଲୁରୁ ଜଙ୍କସନଠାରେ ମୋରମ ଗଦାରେ ପିଟି ହୋଇ ୪ ଦିନ ପୂର୍ବରୁ ଲକ୍ଷ୍ମୀପୁର ଅଞ୍ଚଳର ଏସ୍. ରବୀନ୍ଦ୍ର ରେଡ୍ଡୀ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଛତ୍ରପୁର, ବ୍ରହ୍ମପୁର ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ରବୀନ୍ଦ୍ରଙ୍କ ବଡ଼ ଭାଇଙ୍କ ଆସନ୍ତା ୧୧ ତାରିଖରେ ବିବାହ ଥିବାରୁ ସେ ନିମନ୍ତ୍ରଣ ଦେବା ପାଇଁ ଏକ ବାଇକ୍‌ରେ ବନ୍ଧୁ ଘର ରମ୍ଭାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

### କାର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ, ୮ା୧୨

ଶ୍ୱଶୁରଘର ଗାଁକୁ ଏକ ଭୋଜିରେ ଯୋଗଦେବା ପାଇଁ ଆସିଥିବା ଜ୍ୱାଇଁଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ କୁଳମଣି ନାୟକ। ମଙ୍ଗଳବାର ପୋଲିସ ମେଡିକାଲାରୁ ମୃତଦେହ ଜବତ କରି ନଂ. ୩୭୭/୨୦ ରେ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଗାଡି ସହ ଡ୍ରାଇଭର ଫେରାର ଅଛନ୍ତି। ସୋମବାର ପୋଲସରା ଥାନା ବାଲିଘର ଗ୍ରାମର କୁଳମଣି ଶ୍ୱଶୁରଘର ସଦର ଥାନା ଅନ୍ତର୍ଗତ ରତ୍ନପୁର ଆସିଥିଲେ। ସନ୍ଧ୍ୟାରେ ସେ ଖଲିଙ୍ଗୀ ଗ୍ରାମକୁ ଏକ ଭୋଜିରେ ଯୋଗଦେବା ପାଇଁ ବାଇକ୍‌ରେ ଆଙ୍କୁଶପୁର ଦେଇ ଯାଉଥିଲେ। ରତ୍ନପୁର ନିକଟରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର୍ କୁଳମଣିଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ିଥିଲେ। ଏହା ଦେଖି କିଛି ଲୋକ ସେଠାରେ ରୁଣ୍ଡ ହୋଇଯାଇଥିଲେ। ପରେ ଗାଡି ସହ ଡ୍ରାଇଭର ଆହତଙ୍କୁ ଏମ୍‌କେସିଜି ମେଡିକାଲ ନେଉଛି କହି ସେଠାରୁ ଖସି ପଳାଇ ଯାଇଥିଲେ। ପଛରେ ଆସୁଥିବା ଶାଳକ ସମୀର ଦାସ ଖବର ପାଇ ଏମ୍‌କେସିଜିରେ ପହଞ୍ଚିଥିଲେ। ଚିକିତ୍ସାଧୀନ ଅବସ୍ଥାରେ କୁଳମଣିଙ୍କର ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି ବୋଲି ସମୀର ପୋଲିସ ନିକଟରେ ଅଭିଯୋଗ କରିଥିଲେ।

## କନ୍ଧମାଳରେ ବନ୍ଦ ଆଂଶିକ ସଫଳ

ଫୁଲବାଣୀ ଅଫିସ, ୮ା୧୨



ଫୁଲବାଣୀ ସହରରେ ରାଲି କରାଯାଉଛି।

କେନ୍ଦ୍ର ସରକାରଙ୍କ ନୂତନ କୃଷି ବିଲ୍ ବିରୋଧରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ମଙ୍ଗଳବାର ଦିଆଯାଇଥିବା ବନ୍ଦ ଡାକରା କନ୍ଧମାଳ ଜିଲାରେ ଆଂଶିକ ସଫଳ ହୋଇଛି। ଫୁଲବାଣୀରେ ସକାଳୁ ବନ୍ଦର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିବା ବେଳେ ୯ଟା ପରେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ମାଦିକୁନ୍ଦା ଛକରେ ଏକାଠି ହୋଇ ରାଲିରେ ବାହାରିଥିଲେ। ସେମାନେ ପିକେଟିଂ କରି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ଦୋକାନ ବଜାର ବନ୍ଦ କରିଥିଲେ। କେନ୍ଦ୍ର ସରକାରଙ୍କ କମ୍ପାନୀ ପ୍ରିତୀ, କୃଷି କ୍ଷେତ୍ରକୁ କମ୍ପାନୀ ହାତରେ ଟେକି ଚାଷୀଙ୍କୁ ଶୋଷଣ କରିବା ପ୍ରୟାସକୁ ତୀବ୍ର ସମାଲୋଚନା କରିଥିଲେ। ଚାଷୀ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାରେ ହଇରାଣ ହେବା ସହ କ୍ଷତି ସହୁଛି । ଜମିକୁ ଜଳସେଚନ ସୁବିଧା ନାହିଁ। ଏପଟେ କମ୍ପାନୀ ହାତରେ କୃଷିକୁ ଟେକି ଦିଆଯାଉଛି। ତୁରନ୍ତ ଏହି ଆଇନ ପ୍ରତ୍ୟାହାର କରିବାକୁ ଚାଷୀ, ନବ ନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତା ଏବଂ କଂଗ୍ରେସ କର୍ମକର୍ତ୍ତାମାନେ ନାରାବାଜି କରିଥିଲେ । ରାଜ୍ୟ ସରକାର ବନ୍ଦକୁ ଦୃଷ୍ଟିରେ ରଖି ଛୁଟି ଘୋଷଣା କରିଥିବାରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା । ସ୍ୱତଃସ୍ଫୂର୍ତ ଭାବେ ସକାଳୁ ବସ ଚଳାଚଳ ବନ୍ଦ ରହିଥିଲା । ଅପରାହ୍ନ ପରେ ବନ୍ଦ ପ୍ରଭାବ ସେଭଳି ଦେଖିବାକୁ ମିଳି ନ ଥିଲା । ବନ୍ଦ ସମୟରେ କେଉଁଠି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା।

## ଗଜପତିରେ ସ୍ୱତପ୍ରବୃତ୍ତ ସମର୍ଥନ

ପାରଳାଖେମୁଣ୍ଡି,୮ା୧୨(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ବିରୋଧ କରି ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ କଂଗ୍ରେସ ସମେତ ୧୦ରୁ ଊର୍ଦ୍ଧ୍ୱ ରାଜନୈତିକ ଦଳ ସମର୍ଥନ କରିଥିଲେ। ଗଜପତି ଜିଲାରେ ଭାରତ ବନ୍ଦ ସଫଳ ହୋଇଥିବା ଲକ୍ଷ୍ୟ କରାଯାଇଛି। ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ସମେତ ଜିଲାର ମୋଟ ୭ ବ୍ଲକ ଯଥା ମୋହନା, ଆର୍.ଉଦୟଗିରି, ନୂଆଗଡ଼, ରାୟଗଡ଼, ଗୋଷାଣୀ, କାଶୀନଗର, ଗୁମ୍ମା ଅଞ୍ଚଳରେ ଦୋକାନ ବଜାର, ବସ ଚଳାଚଳ ଆଦି ସବୁକିଛି ବନ୍ଦ ରହିଥିବା ଦେଖାଯାଇଥିଲା। ଜନସାଧାରଣ, ବିଭିନ୍ନ ବ୍ୟବସାୟୀ ସଙ୍ଗଠନ ସ୍ୱତପ୍ରବୃତ ଭାବେ ବନ୍ଦକୁ ସମର୍ଥନ କରିଥିଲେ। କୃଷକମାନେ ଆମର ଅନ୍ନଦାତା ଓ ଅର୍ଥନୈତିକ ମେରୁଦଣ୍ଡ। କୃଷି ଆଇନ କୃଷକ ବିରୋଧୀ। କୃଷକଙ୍କ ଦାବି ଯଥାର୍ଥ ଓ ଯୁକ୍ତିସଙ୍ଗତ। ତେଣୁ କୃଷି ଓ କୃଷକଙ୍କ ହିତ ଦୃଷ୍ଟିରୁ କଂଗ୍ରେସ ଦଳର ନଗର ସଭାପତି ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ବିଭିନ୍ନ ନାରା ଦିଆଯାଇ କୃଷି ଆଇନକୁ ବିରୋଧ କରାଯାଇଥିଲା। ସେହିପରି ବାମ ଦଳ ଓ ଅନ୍ୟାନ୍ୟ ରାଜନୈତିକ ଦଳ ମଧ ବନ୍ଦକୁ ସମର୍ଥନ କରିଥିଲେ।




ପାରଳାଖେମୁଣ୍ଡିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଗଞ୍ଜେଇ ସହ ୩.୪୨ ଲକ୍ଷ ଟଙ୍କା ଜବତ



ଜବତ ଟଙ୍କା ଏବଂ ବନ୍ଧୁକ ସହ ଟିଟୁ।

ଫୁଲବାଣୀ ଅଫିସ, ୮ା୧୨

କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ପୋଲିସ ବୁଧବାର ଏକ କାର୍‌ରୁ ୨୮ କେଜି ଗଞ୍ଜେଇ ସହ ୩ ଲକ୍ଷ ୪୨ ହଜାର ଟଙ୍କା ଜବତ କରିଛି । ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ବାଘଡଙ୍ଗେରି ଗ୍ରାମର ଦୁଃଖୀଶ୍ୟାମ ଦିଗାଲ ଓରଫ ଟିଟୁ । ତାଙ୍କ ପାଖରୁ ଟଙ୍କା ସହ ଏକ ଖେଳନା ବନ୍ଧୁକ, ୩ ଏଟିଏମ୍ କାର୍ଡ ଏବଂ କାର ମଧ ଜବତ ହୋଇଛି। ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ଗ୍ରାମ ପାଖରୁ ଅଳ୍ପ ଦୂରରେ ପୋଲିସ ଗାଡି ଯାଞ୍ଚ କରୁଥିବା ବେଳେ ଉକ୍ତ କାରରୁ ଟଙ୍କା, ଗଞ୍ଜେଇ ମିଳିଥିଲା। ଏ ନେଇ ଥାନାରେ ନଂ.୧୦୩/୨୦ରେ ମାମଲା ରୁଜୁ ହୋଇଛି।

### ଶୀଘ୍ର ଧାନମଣ୍ଡି ଖୋଲିବାକୁ ଦାବି

ପୋଲସରା,୮ା୧୨(ଡି.ଏନ୍.ଏ.)

ଧାନମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁ ଚାଷୀ ଏବେ ଚିନ୍ତାରେ। ପୋଲସରା ବ୍ଲକ ଅଞ୍ଚଳରେ ଚାଷୀ ଧାନ ଅମଳ କରି ବିକିବା ଆରମ୍ଭ କଲେଣି। ସରକାରୀ ଦର କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ରହିଥିବା ବେଳେ ମଣ୍ଡି ଖୋଲି ନ ଥିବାରୁ ଗ୍ରାମାଞ୍ଚଳରେ ବ୍ୟବସାୟୀମାନେ କୁଇଣ୍ଟାଲ ପିଛା ୧୩୦୦ ଟଙ୍କାରେ କିଣୁଛନ୍ତି। ଏପରିକି ଦଲାଲମାନେ ଚାଷୀଙ୍କଠାରୁ ସରକାରଙ୍କ ଧାର୍ଯ୍ୟ ମୂଲ୍ୟଠାରୁ ବହୁ କମ୍ ଦରରେ ଧାନ କିଣୁଥିବା ଅଭିଯୋଗ ହେଉଛି। ତେଣୁ ତୁରନ୍ତ ଧାନମଣ୍ଡି ଖୋଲିବାକୁ ଲଙ୍ଗଳେଶ୍ୱର କୃଷକ ସଂଘର ସଭାପତି ବୃନ୍ଦାବନ ବେହେରା ଦାବି କରିଛନ୍ତି। ଅନ୍ୟପଟେ ଧାନମଣ୍ଡି ଖୋଲିବାର ବିଳମ୍ବକୁ ନେଇ ଆନ୍ଧ୍ର ବେପାରୀ ଓ ଦଲାଲମାନେ ଚାଷୀମାନଙ୍କୁ ପ୍ରଲୋଭିତ କରାଇ ଧାନ କିଣୁଥିବାର ଦେଖିବାକୁ ମିଳୁଛି।

## ହାତୀଙ୍କ ପାଇଁ ଚାଷୀ ଅନିଦ୍ରା

**ବ୍ୟାପକ ଧାନଫସଲ ନଷ୍ଟ**

ଦିଗପହଣ୍ଡି,୮ା୧୨(ଡି.ଏନ୍.ଏ.)

ଦିଗପହଣ୍ଡି ଅଞ୍ଚଳରେ ହାତୀଙ୍କ ଦୋରାମ୍ୟ ଯୋଗୁ ସନ୍ଧ୍ୟା ହେଲେ କେରାଣ୍ଡିମାଳ ପାହାଡ଼ ସଂଲଗ୍ନ ଗାଁ ଗୁଡ଼ିକରେ କବାଟ ବନ୍ଦ ହୋଇଯାଉଛି। ହାତୀପଲଙ୍କ ଦ୍ୱାରା ଧାନ ଫସଲ ନଷ୍ଟ ହେବା ଆଶଙ୍କାରେ ଦିଗପହଣ୍ଡି ବ୍ଲକ ବାସୁଦେବପୁର, ବି. ତୁରୁବୁଡ଼ି, ସିଦ୍ଧେଶ୍ୱର, ବଡ଼ ଡିମ୍ବୁଳା, କରପଡା ଆଦି ପଞ୍ଚାୟତ ଅଧୀନ ଗାଁଗୁଡ଼ିକରେ ଚାଷୀମାନେ ରାତି ଅନିଦ୍ରା ହୋଇ ଜମିରେ ନିଆଁ ହୁଳା ଧରି ପହରା ଦେଉଛନ୍ତି। ହାତୀ କରିଡ଼ରରେ ଆସୁଥିବା ଗାଁ ଗୁଡ଼ିକରେ ବନବିଭାଗ ପକ୍ଷରୁ ମାଇକ ଯୋଗେ ସତର୍କ ସୂଚନା ଜାରି କରାଯାଇଛି। ଗତ ସୋମବାର ରାତିରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକ, ଦିଗପହଣ୍ଡି ବନବିଭାଗ ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ, ବ୍ରହ୍ମପୁର ବନବିଭାଗ ମୋବାଇଲ ସ୍କ୍ୱାଡ ବି.ତୁରୁବୁଡ଼ି ପଞ୍ଚାୟତ ଆଦିବାସୀ ଗାଁ ଗୁଡ଼ାରୀରେ ପହଞ୍ଚି ହାତୀଙ୍କ ଚଳପ୍ରଚଳ ଅନୁଧ୍ୟାନ କରି ଫେରିଛନ୍ତି। ଦିଗପହଣ୍ଡି ଡେପୁଟି ରେଞ୍ଜରଙ୍କ ସମେତ ୨ ବନପାଳ, ୪ ବନରକ୍ଷୀ, ହାତୀ ଘଉଡାଇବା ପାଇଁ ତାଲିମ ପ୍ରାପ୍ତ ୨ ହାତୀ ଟ୍ରାକର, ୧୦ ପାରା ବନକର୍ମଚାରୀ କେରାଣ୍ଡିମାଳ ଜଙ୍ଗଲରେ ଡେରା ପକାଇ ହାତୀ ଘଉଡାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବନକର୍ମଚାରୀମାନେ ବ୍ୟାଟେରୀ ଚାଳିତ ସାଇରନ ବଜାଇବା ସହ ଲାଇଟ୍ ପକାଇ ବାଜା ବଜାଇ ବାଣ ଫୁଟାଇ ହାତୀପଲଙ୍କୁ ଜଙ୍ଗଲ ମଧ୍ୟକୁ ଘଉଡାଇବାରୁ ସେମାନେ ନିକଟସ୍ଥ ବେଲଘାଇ ଡ୍ୟାମରେ ପଶି ବହୁ ସମୟ ପରେ ଭୋର୍‌ରେ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ମଙ୍ଗଳବାର ହାତୀପଲ ଦିଗପହଣ୍ଡି ବ୍ଲକ ଆଦିବାସୀ ବହୁଳ ଗୁଡ଼ାରୀ ଗାଁ ନିକଟ ଜଙ୍ଗଲରେ ଥିବା ଜଣାପଡିଛି। ଆଙ୍କୋରଡ଼ା ପଞ୍ଚାୟତ ଚାଞ୍ଚଡ଼ାପଲ୍ଲୀ ଗ୍ରାମର ରାମନାଥ ବିଷୋୟୀଙ୍କ ପ୍ରାୟ ୫ ଭରଣ ଜମିରେ ପଶି ହାତୀପଲ ଧାନ ଫସଲ ଖାଇବା ସହ ବାସୁଦେବପୁର ଓ ଗୋପାଳପୁର ଗାଁର ବହୁ ଚାଷୀଙ୍କ ଧାନ ଖାଇ ଦେଇଛନ୍ତି। କ୍ଷତିପୂରଣ ପାଇଁ ଦରଖାସ୍ତ କଲେ ବନବିଭାଗ ପକ୍ଷରୁ ତଦନ୍ତ କରାଯାଇ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଡେପୁଟି ରେଞ୍ଜର ଜଣାଇଛନ୍ତି।

## ଗଞ୍ଜେଇ ମାଫିଆଙ୍କ ଗ୍ରୀନ୍‌ଜୋନ୍ ପାଣିଶାଳ-ଚାରିଛକ ରାସ୍ତା

ଖଜୁରିପଡ଼ା,୮ା୧୨(ଡି.ଏନ.ଏ.)

କନ୍ଧମାଳ ଜିଲା ପାଣିଶାଳରୁ ବୌଦ୍ଧ ଜିଲାକୁ ସଂଯୋଗ କରୁଥିବା ୧୫୭ ନଂ. ଜାତୀୟ ରାଜପଥ ଚାରିଛକ ପର୍ଯ୍ୟନ୍ତ ରାସ୍ତା ଗଞ୍ଜେଇ ମାଫିଆଙ୍କ ଗ୍ରୀନ୍‌ଜୋନ୍ ପାଲଟିଛି। ଜିଲା ସଦରମହକୁମା ଫୁଲବାଣୀଠାରୁ ପାଣିଶାଳ ୨୩ କିଲୋମିଟର। ଏହା ମଧ୍ୟରେ ରହିଛି ସୁଡ୍ରୁକୁମ୍ପା ପୋଲିସ ଫାଣ୍ଡି। ଫାଣ୍ଡିକୁ ଜଗି ରହିଛନ୍ତି ଏକ ପ୍ଲାଟୁନ ଫୋର୍ସ। ଅଭିଯୋଗ ଆସିଲେ ପୋଲିସ ସେମାନଙ୍କୁ ଫାଣ୍ଡିକୁ ଡକାଇ ଆଲୋଚନା ପରେ ବିଶିପଡ଼ା ସଦର ଥାନାକୁ ପଠାଇଥାଏ। ଅନ୍ୟପକ୍ଷରେ ପାଣିଶାଳ ଠାରୁ ବୌଦ୍ଧ ଜିଲା ଚାରିଛକ ୧୫ କିଲୋମିଟର ଦୁର। ଏଥିମଧ୍ୟରେ ରହିଛି ରାଣୀପଥର ଘାଟି। ପାଣିଶାଳ ପଛରେ ରହିଛି ମାଦିକୁଲା ଓ ଟିକିରିପଡ଼ା ଗ୍ରାମ ଏବଂ ଡାହାଣ ପଟ ଜଙ୍ଗଲ ମଧ୍ୟରେ ରହିଛି ବିଲାବାଡ଼ି ପଞ୍ଚାୟତ। ଏହି ଅଞ୍ଚଳ ଗୁଡ଼ିକରୁ ଆସୁଛି କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ। ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ପୋଲିସ କିମ୍ବା ଅବକାରୀ ଅଧିକାରୀଙ୍କ ଯାତାୟାତ କମ୍ ଥିବା ସୁଯୋଗ ନେଇ ମାଫିଆ ବେଧଡକ ଗଞ୍ଜେଇ ଚାଲାଣ କରନ୍ତି। ଏବେ ଗଞ୍ଜେଇ ଚାଷ ସମୟ। ଯେଉଁମାନେ ଜଙ୍ଗଲରେ ଗଞ୍ଜେଇ ଗଛ ଲଗାଇଛନ୍ତି ସେ ବାବଦରେ ଖର୍ଚ୍ଚ ହେଉଥିବା ସାର, ପାଣି ଦେବାକୁ ପମ୍ପସେଟ ଓ ପାଇପ ସହ ଗାତ ଖୋଳିବାକୁ ମଜୁରି ବାବଦ ଅର୍ଥ ମଧ୍ୟ ମାଫିଆମାନେ ଦେଉଛନ୍ତି। କନ୍ଧମାଳ ଓ ବୌଦ୍ଧ ଜିଲାର ବରିଷ୍ଠ ପୋଲିସ ଅଧିକାରୀ ଏନେଇ ତଦନ୍ତ କଲେ ଗଞ୍ଜେଇ ଚୋରା ଚାଲାଣ ଉପରେ ରୋକ୍ ଲଗାଯାଇପାରନ୍ତା। ଏନେଇ ଅବକାରୀ ବିଭାଗ ଅଧିକାରୀ ମଧୁସ୍ମିତା ନାଏକ କହିଛନ୍ତି, ମୁଁ ନୂଆକରି ଦାୟିତ୍ୱ ଗ୍ରହଣ କରିଛି, ଏରିଆ ସମ୍ବନ୍ଧରେ ଭଲଭାବେ ଅବଗତ ନାହିଁ। ଏହା ଉପରେ ତଦନ୍ତ କରି ଜଣାଇବି ବୋଲି କହିଛନ୍ତି।

## ମୌଳିକ ସୁବିଧାରୁ ବଞ୍ଚିତ ସୀତାପଡ଼ିବାସୀ

ବାଲିଗୁଡ଼ା,୮ା୧୨.(ଡି.ଏନ୍.ଏ.)



ସିତାପଡ଼ି ଗାଁ ରାସ୍ତା।

ଗ୍ରାମାଞ୍ଚଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନା କରିଛନ୍ତି। ହେଲେ ଏବେ ମଧ୍ୟ ଅନେକ ଗ୍ରାମ ବିକାଶଠାରୁ ବହୁ ଦୂରରେ ରହିଛି। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକ ରଡ଼ିଗୁମା ପଞ୍ଚାୟତର ସୀତାପଡ଼ି ଗ୍ରାମରେ। ଏହି ଗାଁର ବିକାଶ ସାତ ସପନ।

ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଉକ୍ତ ଗ୍ରାମ ଯେପରି ପରାଧୀନ ଅଛି। ସୀତାପଡ଼ି ଗ୍ରାମରେ ୧୩ଟି ପରିବାର ରହୁଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ଗାଁକୁ ରାସ୍ତା ନାହିଁ, ବିଦ୍ୟୁତ୍ ଆଲୋକ ନାହିଁ। ଅସରାଏ ବର୍ଷା ହୋଇଗଲେ ଉକ୍ତ ଗାଁକୁ ଚାଲିକି ଯିବା ମଧ୍ୟ କଷ୍ଟକର ହୋଇଥାଏ। ପାହାଡ଼ ପାଣି ଓ ବିଲପାଣି ରାସ୍ତାରେ ଜମାଟ ବାନ୍ଧୁଥିବାରୁ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କହିଛନ୍ତି। ପଞ୍ଚାୟତଠାରୁ ସୀତାପଡ଼ି ଗ୍ରାମର ଦୂରତା ମାତ୍ର ୪ କିଲୋମିଟର ହୋଇଥିଲେ ମଧ୍ୟ ଗମନାଗମନର ସୁବିଧା ନ ଥିବାରୁ ଗାଁଲୋକେ ବର୍ଷା ଦିନରେ ରାଶନ କାର୍ଡ କିମ୍ବା ବାର୍ଦ୍ଧକ୍ୟ ଭତ୍ତା ପାଇଁ ମଧ୍ୟ ଯାଇପାରନ୍ତି ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେମାନେ କହିଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ଓକିଲ ସଂଘ ନିର୍ବାଚନ ଲାଗି ବୈଠକ

ପୁରୁଷୋତ୍ତମପୁର,୮ା୧୨ (ଡି.ଏନ.ଏ.)

ପୁରୁଷୋତ୍ତମପୁର ଓକିଲ ସଂଘ ନିର୍ବାଚନ ପାଇଁ କୋର୍ଟ ପରିସର ଚଳଚଞ୍ଚଳ ହୋଇ ଉଠିଛି। ଚଳିତ ନିର୍ବାଚନ ସକାଶେ ପ୍ରଥମ ଥର ପାଇଁ ହ୍ୱାଇ ଆଇ ଷ୍ଟାଣ୍ଡ ମିଟିଂ ମଙ୍ଗଳବାର ନିର୍ବାଚନ ଅଧିକାରୀ ରଞ୍ଜନା କୁମାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପଦବୀ ଲାଗି ବରିଷ୍ଠ ଓକିଲ କେଦାର ନାଥ ପଟ୍ଟନାୟକ ଓ ପ୍ରଦୋଷ କୁମାର ବାହିନୀପତି ଏବଂ ସମ୍ପାଦକ ପାଇଁ ବରିଷ୍ଠ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ ଅମରେଶ ତ୍ରିପାଠୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଉପସଭାପତି ଭାବେ ସୀମାଞ୍ଚଳ ସେଠୀ ଓ ସହ ସମ୍ପାଦକ ଭାବେ ପାଣ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିରେ ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା, ପ୍ରଭାତ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଗୌଡ଼, ରମାରଞ୍ଜନ ଦାଶ, ରବୀନ୍ଦ୍ର ସାହୁ, ଅଶୋକ କୁମାର ମହାକୁଡ଼, ପ୍ରଭାତ କୁମାର ଦାଶଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

